# NATIONAL NEWS BULLETIN (ODIA)

**1 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସାଂଘାଇ ସହଯୋଗ ଶିଖର ସମ୍ମିଳନୀରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ କଲେ ପ୍ରଧାନମନ୍ତ୍ରୀ

–ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟଙ୍କ ଭାରତର ଆତଙ୍କବାଦ ବିରୋଧୀ ନୀତିକୁ ପ୍ରଶଂସା ଓ ସମର୍ଥନ

- ଏସ୍‌ସିଓ ବୈଠକ ପରେ ରୁଷ୍ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ନେଇ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ମୋଦୀ

- ମହୀଶୂରସ୍ଥିତ ଅଖିଳ ଭାରତୀୟ ବାକ୍ ଏବଂ ଶ୍ରବଣ ପ୍ରତିଷ୍ଠାନର ହୀରକ ଜୟନ୍ତୀ ଉତ୍ସବରେ ଆଜି ଯୋଗଦେବେ ରାଷ୍ଟ୍ରପତି ।

- ଆଫଗାନିସ୍ତାନରେ ୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ

-୬୦୦ରୁ ଅଧିକ ଲୋକ ପ୍ରାଣହରାଇଥିବା ସୂଚନା

ଏବଂ

- ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଆଜି ସନ୍ଧ୍ୟାରେ ମୁହାଁମୁହିଁ ହେବେ ଭାରତ ଓ କାଜାଖସ୍ତାନ

## ଏସ୍‌ସିଓ–ଡିକ୍ଲାରେସନ

ସାଂଘାଇ ସହଯୋଗ ଶିଖର ସମ୍ମିଳନୀରେ ଆତଙ୍କବାଦ ବିରୁଦ୍ଧରେ ଏକ ଦୃଢ଼ ଏବଂ ସ୍ପଷ୍ଟ ଘୋଷଣାନାମା ପ୍ରକାଶ ପାଇଛି । ଏଥିରେ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟମାନେ ଭାରତର ଆଞ୍ଚଳିକ ସହଯୋଗ ଏବଂ ସୃଜନଶୀଳତାକୁ ପ୍ରଶଂସା କରିଛନ୍ତି । ତିଆନ୍‌ଜିନ୍ ଘୋଷଣାନାମାରେ ଆତଙ୍କବାଦ ବିରୁଦ୍ଧରେ ସମସ୍ତ ରାଷ୍ଟ୍ର ମିଳିତ ଭାବେ ଲଢ଼େଇ ଜାରି ରଖିବା ସହ ଏଥିରେ ଭାରତର ନିରବଛିନ୍ନ ସହଯୋଗ ଉପରେ ଆଲୋଚନା କରିଛନ୍ତି । ଚରମପନ୍ଥୀ ରାଷ୍ଟ୍ରଗୁଡ଼ିକୁ ଦୃଢ଼ ଜବାବ ଦେବା ପାଇଁ ଏହି ବୈଠକରେ ରାଷ୍ଟ୍ରମୁଖ୍ୟମାନେ ନିଷ୍ପତ୍ତି ନେବା ସହ ଦେଶର ସାର୍ବଭୌମତ୍ୱକୁ ରକ୍ଷା କରିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି । ବିଛିନ୍ନତାବାଦୀ ଆନ୍ଦୋଳନକୁ ଦୃଢ଼ହସ୍ତରେ ଦମନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

ଗତ ଏପ୍ରିଲ୍ ୨୨ରେ ପହଲଗାମରେ ସଂଗଠିତ ଆତଙ୍କବାଦୀ ଆକ୍ରମଣକୁ ବୈଠକରେ ଦୃଢ଼ ନିନ୍ଦା କରିଛନ୍ତି । ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କୁ ସମବେଦନା ଜଣାଇଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ ଦୋମୁହାଁନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

---

## ପ୍ରେଜ୍ - କର୍ଣ୍ଣାଟକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନିଦିନିଆ କର୍ଣ୍ଣାଟକ ଓ ତାମିଲ୍‌ନାଡୁ ଗସ୍ତ କରୁଛନ୍ତି । ଆଜି ମହୀଶୂରଠାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ବାକ୍ ଏବଂ ଶ୍ରବଣ ପ୍ରତିଷ୍ଠାନର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେବେ । ଆସନ୍ତାକାଲି ଚେନ୍ନାଇରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସିଟି ୟୁନିୟନ୍ ବ୍ୟାଙ୍କର ୧୨୦ତମ ପ୍ରତିଷ୍ଠା

ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହାଛଡ଼ା ତାମିଲ୍‌ନାଡୁର ଥିରୁବରଠାରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

---

# ପିଏମ୍-ପୁଟିନ୍

ଚୀନ୍‌ର ତିଆନଜିନ୍‌ଠାରେ ଅନୁଷ୍ଠିତ ଏସ୍‌ସିଓ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମର ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ଓ ରୁଷ୍ କଠିନ ସମୟରେ ମିଳିମିଶି ପରସ୍ପର ପାଇଁ ଛିଡ଼ା ହୋଇଛନ୍ତି । ସେ କହିଛନ୍ତି, ବିଶ୍ୱରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ସ୍ଥାପନ କରିବା ପାଇଁ ଦୁଇ ରାଷ୍ଟ୍ର ମଧ୍ୟରେ ଘନିଷ୍ଠ ସହଯୋଗର ଆବଶ୍ୟକତା ରହିଛି । ନୂଆଦିଲ୍ଲୀ ଏବଂ ମସ୍କୋ ମଧ୍ୟରେ ୟୁକ୍ରେନ୍‌ରେ ଚାଲିଥିବା ସଂଘର୍ଷ ଉପରେ ନିରନ୍ତର ଆଲୋଚନା ଚାଲିଛି। ସେଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତଙ୍କ ପ୍ରୟାସକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିବା ସହ ଉଭୟ ପକ୍ଷ ଗଠନମୂଳକ କାର୍ଯ୍ୟ କରିବା ପାଇଁ ଆଗକୁ ବଢ଼ିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM)**

ଦ୍ୱିପାକ୍ଷିକ ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁଟିନ ବୈଠକସ୍ଥଳକୁ ଏକାଠି ଯାତ୍ରା କରିଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ରାଷ୍ଟ୍ରପତି ପୁଟିନଙ୍କ ସହ ଆଲୋଚନା ସବୁବେଳେ ଫଳପ୍ରଦ ହୋଇଥାଏ । ପ୍ରଧାନମନ୍ତ୍ରୀ

ମୋଦୀ ଜାପାନ ଓ ଚୀନ୍ ଗସ୍ତ ଶେଷକରି ଆଜି ଭାରତ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

## ଜୟଶଙ୍କର-ଆଫଗାନିସ୍ତାନ

ଆଫଗାନିସ୍ତାନର କୁନାର ପ୍ରଦେଶର ଜଲାଲବାଦ ସହର ନିକଟରେ ଗତକାଲି ଘଟିଥିବା ଭୂମିକମ୍ପରେ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୫ଶହରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୬ ରହିଥିବା ରେକର୍ଡ କରାଯାଇଛି । ଆମେରିକୀୟ ଭୂତତ୍ତ୍ୱ ସର୍ଭେ ଅନୁସାରେ ନାଙ୍ଗରହର ପ୍ରଦେଶର ପୂର୍ବ-ଉତ୍ତରାଞ୍ଚଳରେ ଥିବା ଜଲାଲାବାଦ ସହର ନିକଟରେ ୨୭ କିଲୋମିଟର ଦୂରରେ ଏହା କେନ୍ଦ୍ରୀଭୂତ ହୋଇଥିଲା ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଦୁଃଖ ପ୍ରକାଶ କରିଛନ୍ତି । ତାଙ୍କ ବାର୍ତ୍ତାରେ କେନ୍ଦ୍ରମନ୍ତ୍ରୀ ଆଫଗାନିସ୍ତାନ ଲୋକଙ୍କ ପାଇଁ ଭାରତର ସମର୍ଥନ ରହିଥିବା କହିଛନ୍ତି । ଏଭଳି ସଂକଟ ସମୟରେ ଭାରତ ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇଦେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପ୍ରଭାବିତ ପରିବାରଗୁଡ଼ିକୁ ସାନ୍ତ୍ୱନା ଦେଇଛନ୍ତି । ସେ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

---

## ଜେକେ ଫ୍ଲଡ୍-ସେଣ୍ଟର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶହା ତାଙ୍କ ଜମ୍ମୁ ଗସ୍ତ ସମୟରେ ବିକ୍ରମ ଚୌକ ଏବଂ ତାୱି ବ୍ରିଜ୍ ଅଞ୍ଚଳର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଜମ୍ମୁସ୍ଥିତ ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ବିରୋଧୀଦଳ ନେତା ସୁନୀଲ ଶର୍ମା,

ମୁଖ୍ୟଶାସନ ସଚିବ ଅଟଳ ଦୁଲୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଶ୍ରୀ ଶାହା ମଧ୍ୟ ପ୍ରଭାବିତ ଅଞ୍ଚଳ ଗୁଡ଼ିକ ଆକାଶମାର୍ଗରୁ ଅନୁଧ୍ୟାନ କରିବାର କାର୍ଯ୍ୟସୂଚୀ ରହିଛି । ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜଭବନରେ ବନ୍ୟା ସଂପର୍କିତ ଏକ ସମୀକ୍ଷା ବୈଠକରେ ଯୋଗଦେବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **କୁପୋଷଣ ରୋକିବାପାଇଁ ସଠିକ୍ ପୁଷ୍ଟିସାରର ଗୁରୁତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସ୍ୱାମୀ ଦୟାନନ୍ଦ ହସ୍ପିଟାଲ୍‌ର ଶିଶୁରୋଗ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡାକ୍ତର ସୁରେନ୍ଦର ସିଂହ ବିଷ୍ଟ ଏବଂ ଏମ୍‌ସର ଡାଏଟିସିଆନ୍ ଡାକ୍ତର ରିଚା ଜୟଶ୍ୱାଲ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଜେକେ-ବୈଷ୍ଣୋଦେବୀ

ଜମ୍ମୁ କାଶ୍ମୀରର ତ୍ରିକୂଟ ପାର୍ବତ୍ୟାଞ୍ଚଳରେ ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ଶ୍ରୀ ମାତା ବୈଷ୍ଣୋଦେବୀ ଯାତ୍ରାକୁ ସପ୍ତମ ଦିନ ପାଇଁ ସ୍ଥଗିତ ରଖାଯାଇଛି । ଆମ ଜମ୍ମୁ ସମ୍ବାଦଦାତା କହିଛନ୍ତି, ଏକସପ୍ତାହ ଧରି ବର୍ଷା ହେବାରୁ ବନଗଙ୍ଗା ଅଞ୍ଚଳରେ

ବନ୍ୟା ଆସିବାରୁ ରାସ୍ତାଘାଟ ଧୋଇଯିବା ସହ ପ୍ରବଳ କ୍ଷୟକ୍ଷତି ହୋଇଛି । ତୀର୍ଥଯାତ୍ରୀମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ଯାତ୍ରାକୁ ସ୍ଥଗିତ ରଖାଯାଇଛି । କଟ୍ରାସ୍ଥିତ କ୍ୟାମ୍ପରେ ଶ୍ରଦ୍ଧାଳୁମାନେ ରହିଛନ୍ତି । ତେବେ ଆଜି ସକାଳେ ପାଣିପାଗରେ ସାମାନ୍ୟ ପରିବର୍ତ୍ତନର ସୂଚନା ମିଳିଛି । ସଂପୂର୍ଣ୍ଣ ଭାବେ ବର୍ଷା ବନ୍ଦ ନ ହେବା ପର୍ଯ୍ୟନ୍ତ ମା' ବୈଷ୍ଣୋଦେବୀଙ୍କ ଦର୍ଶନକୁ ସ୍ଥାନୀୟ କର୍ତ୍ତୃପକ୍ଷ ବନ୍ଦ ରଖିଛନ୍ତି । ପ୍ରଭାବିତ ଅଞ୍ଚଳରେ ଥଇଥାନ କାର୍ଯ୍ୟ ଯୁଦ୍ଧକାଳୀନ ପରିସ୍ଥିତିରେ ଆଗେଇ ଚାଲିଛି । ଜିଲ୍ଲା ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ଲୋକଙ୍କୁ ଯାତ୍ରା ନ କରିବା ପାଇଁ ପରାମର୍ଶ ଦେବା ସହ ସତର୍କ ରହିବା ପାଇଁ ଅନୁରୋଧ କରିଛନ୍ତି ।

---

## ଏସିଆ କପ୍ ହକି

ବିହାରର ରାଜଗିରିଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଆଜି ସନ୍ଧ୍ୟା ସାଢ଼େ ୭ଟାରେ ରାଜଗିରି ଆନ୍ତର୍ଜାତିକ କ୍ରୀଡ଼ା ଷ୍ଟାଡୟମ୍‌ଠାରେ ଭାରତ ଓ କାଜାଖସ୍ତାନ ମଧ୍ୟରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ପୁଲ୍-ଏ'ର ଏକ ମ୍ୟାଚ୍‌ରେ ଭାରତ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରି ସୁପର୍‌ଫୋର୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଭାରତ ପକ୍ଷରୁ ହର୍‌ମନ୍‌ପ୍ରୀତ୍ ସିଂହ ୨ଟି ଏବଂ ମନ୍‌ଦୀପ୍ ସିଂହ ଗୋଟିଏ ଗୋଲ୍ ସ୍କୋର କରିଥିବାବେଳେ ଜାପାନ ପକ୍ଷରୁ କୋସେଇ କାୱାବେ ୨ଟିଯାକ ଗୋଲ୍ ଦେଇଥିଲେ ।

ଅନ୍ୟ ଏକ ମ୍ୟାଚ୍‌ରେ ଚୀନ୍' କାଜାଖସ୍ଥାନ ବିପକ୍ଷରେ ୧୩-୧ ଗୋଲ୍‌ରେ ବିଜୟୀ ହୋଇଥିଲା । ଏହି ଚାମ୍ପିୟନ୍‌ସିପ୍‌ର ବିଜେତା ୨୦୨୬ ପୁରୁଷ ହକି ବିଶ୍ୱକପ୍‌ରେ ନିଜର ସ୍ଥାନ ସୁନିଶ୍ଚିତ କରିବ । ପାକିସ୍ତାନ ସୁରକ୍ଷା କାରଣରୁ ଏବଂ ଓମାନ୍ ଆର୍ଥିକ ଅସୁବିଧା ଯୋଗୁଁ ଏହି ପ୍ରତିଯୋଗିତାରେ ଯୋଗଦେଇ ନାହାନ୍ତି । ଏହି

ଦୁଇଦେଶ ବଦଳରେ ବାଂଲାଦେଶ ଏବଂ କାଜାଖସ୍ତାନ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଛନ୍ତି ।

## ଆଇ.ଏମ୍.ଡି. - ସେପ୍ଟେମ୍ବର ରେନ୍‌ଫଲ୍

ଚଳିତ ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସହିତ ଆର୍ଦ୍ରତା ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଭୌଗୋଳିକ ଦୃଷ୍ଟିରୁ ଦେଶର ଅଧିକାଂଶ ଅଞ୍ଚଳରେ ଚଳିତ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାନେଇ ପାଣିପାଗ ବିଭାଗ କହିଛି, ଉତ୍ତର-ପୂର୍ବ ଏବଂ ପୂର୍ବ ଭାରତର କିଛି ଅଂଶ ସମେତ ଦକ୍ଷିଣ ଓ ଉତ୍ତର ଭାରତର କେତେକ ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ । ଅନ୍ୟପକ୍ଷରେ ଅଧିକ ବର୍ଷା କୃଷି ଏବଂ ଜଳସମ୍ପଦପାଇଁ ଲାଭଦାୟକ ହୋଇଥିଲେ ମଧ୍ୟ ବନ୍ୟା, ଭୂସ୍ଖଳନ ଆଦି ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି ।

ବିଭାଗ ପକ୍ଷରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ହିମାଚଳ ପ୍ରଦେଶକୁ ସତର୍କତା ଜାରି କରାଯାଇଛି । ପୂର୍ବ ରାଜସ୍ଥାନ, ହରିୟାଣା, ଚଣ୍ଡୀଗଡ଼, ଦିଲ୍ଲୀ, ଜମ୍ମୁକାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବଲଟ୍‌ସ୍ତାନ, ମୁଜାଫରବାଦ, ଓଡ଼ିଶା, ପଞ୍ଜାବ ଏବଂ ଉତ୍ତର ପ୍ରଦେଶର ଅଧିକାଂଶ ସ୍ଥାନରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

ସେହିପରି ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ମହାରାଷ୍ଟ୍ର, କେରଳ ଏବଂ ଗୋଆରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି ।